# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 01 October - 2024

# ଅକ୍ଷୟ ଶକ୍ତି ପ୍ରକଳ୍ପ

ରାଜ୍ୟରେ ଅକ୍ଷୟ ଶକ୍ତି ଉତ୍ପାଦନ ସମ୍ପର୍କୀତ ପ୍ରସ୍ତାବକୁ ସପ୍ତମ ଏକକ ବାତାୟନ କମିଟି ଅନୁମୋଦନ କରିଛି । ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୋଟ ୭୪୯ ଦଶମିକ ୯ ମେଗାୱାଟ ସମ୍ପନ୍ନ ଅକ୍ଷୟ ଶକ୍ତି ଉତ୍ପାଦନ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏଥିପାଇଁ ନିବେଶକଙ୍କ ପକ୍ଷରୁ ୪ହଜାର ୬୭୧କୋଟି ଟଙ୍କା ପୁଞ୍ଜିନିବେଶ କରାଯିବ । କଳାହାଣ୍ଡି, ନବରଙ୍ଗପୁର, ଖୋର୍ଦ୍ଧା, ଜଗତସିଂହପୁର, ଭୁବନେଶ୍ୱରରେ ଏହି ପ୍ରକଳ୍ପଗୁଡିକ ସ୍ଥାପନ କରାଯିବ । ରାଜ୍ୟର ଅକ୍ଷୟ ଶକ୍ତି କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସହ ଏହି ପୁଞ୍ଜିନିବେଶ ପ୍ରସ୍ତାବ  ସବୁଜ ଶକ୍ତି ପ୍ରକଳ୍ପର ବିକାଶକୁ ସୁଦୃଢ କରିବ ବୋଲି ଜଣାପଡିଛି ।

# ପିଏମ୍‌ଶ୍ରୀ ଯୋଜନା

ପିଏମ୍ ଶ୍ରୀ ଯୋଜନାରେ ରାଜ୍ୟର ଆଉ ୪୫୦ଟି ବିଦ୍ୟାଳୟକୁ ସାମିଲ କରାଯିବ । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ଅନୁମୋଦନ କରାଯାଇଛି । ଚତୁର୍ଥ ପର୍ଯ୍ୟାୟରେ ଏହି ଯୋଜନାରେ ସାମିଲ ହେବାକୁ ଥିବା ବିଦ୍ୟାଳୟଗୁଡିକ ମଧ୍ୟରେ ୨୪ଟି ପ୍ରାଥମିକ, ୩୬୮ଟି ମାଧ୍ୟମିକ

ଏବଂ ୫୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି । ଯୋଜନାରେ ସାମିଲ ହେଉଥିବା ବିଦ୍ୟାଳୟଗୁଡିକ ପାଇଁ ବାର୍ଷିକ କାର୍ଯ୍ୟ ଖସଡା ଏବଂ ଆୟ ବ୍ୟୟ ଅଟକଳ ପ୍ରସ୍ତୁତ କରିବାକୁ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ-ଓସେପା ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ରାସ୍ତା ନିର୍ମାଣ

କଟକ ଓ ଭୁବନେଶ୍ୱର ସହରର ରାସ୍ତାଗୁଡିକର ନିର୍ମାଣ ଓ ମରାମତି କାର୍ଯ୍ୟ ଆସନ୍ତା ୫ତାରିଖ ସୁଦ୍ଧା ଶେଷ କରିବାକୁ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ବିଭାଗୀୟ ତଦାରଖ କମିଟି ଯାଞ୍ଚ କରିବେ । ନିମ୍ନମାନର କାର୍ଯ୍ୟ ପାଇଁ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ବିରୋଧରେ  କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସତର୍କ କରାଇ ଦେଇଛନ୍ତି । ଶ୍ରୀ ହରିଚନ୍ଦନଙ୍କ ଅଧକ୍ଷତାରେ ଗତକାଲି ଅନୁଷ୍ଠିତ ବିଭାଗୀୟ ସମୀକ୍ଷା ବୈଠକରେ ରାସ୍ତା ନିର୍ମାଣ ଏବଂ ମରାମତି ନେଇ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା ହୋଇଛି ।

## ଜଳସେଚନ ପ୍ରକଳ୍ପ

ରାଜ୍ୟରେ ନିର୍ମାଣଧୀନ ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ବିଭାଗୀୟ ସ୍ତରରେ ଗୁରୁତ୍ୱାରୋପ କରାଯାଇଛି । ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ନିର୍ମାଣଧୀନ ପ୍ରକଳ୍ପଗୁଡିକର ସ୍ଥିତି ସମୀକ୍ଷା ନେଇ ଏକ କାର୍ଯ୍ୟଖସଡା ପ୍ରସ୍ତୁତ କରିଛନ୍ତି । ସମୀକ୍ଷା ବୈଠକରେ ନିର୍ମାଣଜନିତ ଆହ୍ୱାନ, ଅଗ୍ରଗତି ଏବଂ ଆବଶ୍ୟକତା

ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ବିହନ ନିଗମ

ରାଜ୍ୟରେ ଧାନ ବ୍ୟତୀତ ଅନ୍ୟ ଫସଲର ବିହନ ଉତ୍ପାଦନ ୍ତଥା କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ଉଦ୍ୟାନ କୃଷି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କୃଷି ଓ କୃଷକ ସଶକ୍ତକରଣ ବିଭାଗ ପ୍ରମୁଖ ଶାସନ ସଚିବ ତଥା ରାଜ୍ୟ ବିହନ ନିଗମର ଅଧକ୍ଷ ଡକ୍ଟର ଅରବିନ୍ଦ ପାଢୀ କହିଛନ୍ତି । ଓଡିଶା ରାଜ୍ୟ ବିହନ ନିଗମର ୪୬ତମ ବାର୍ଷିକ ସାଧାରଣ ଅଧିବେଶନରେ ଡକ୍ଟର ପାଢୀ ଜୈବ ପୁଷ୍ଟିଯୁକ୍ତ ବିହନ ଉତ୍ପାଦନ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ପ୍ରାୟ ୨ଶହ ବିହନ ଉତ୍ପାଦନକାରୀ ଅଂଶଗ୍ରହଣ କରିଥିଲେ ।

## ରକ୍ତଦାନ ଦିବସ

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଆଜି ପାଳନ କରାଯାଉଛି । ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା, ରକ୍ତ ସଂଗୃହିତ କେନ୍ଦ୍ରଗୁଡିକ ପାଇଁ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ପ୍ରଦାନ ଏବଂ ଜାତୀୟ ରକ୍ତ ନୀତିକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଉଛି । ରକ୍ତଦାନ, ମହତ ଦାନ’ ଏ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ସମସ୍ତ ରକ୍ତଦାତା ଏବଂ ଏଥିସହ ଜଡିତ ଅନୁଷ୍ଠାନଗୁଡିକ ଶୁଭେଚ୍ଛା ଜଣାଇଛନ୍ତି । ରକ୍ତର ଆବଶ୍ୟକତାକୁ ପୂରଣ କରିବା ଲାଗି ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନକୁ ବ୍ୟାପକ କରାଯିବା ଉପରେ ସେ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଗୁରୁତ୍ୱ ଦେଇଛନ୍ତି।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ  ମହାଲିଙ୍ଗଙ୍କ ଶୁଭେଚ୍ଛା ବାର୍ତ୍ତାରେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅନ୍ୟର ଜୀବନ ବଞ୍ଚାଇବାକୁ ଆହ୍ୱାନ ଦେଇଛନ୍ତି ।  ଏହି ଦିବସ ପାଳନ ଅବସରରେ ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲଠାରେ ଆଜି ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

# ବରିଷ୍ଠ ନାଗରିକ ଦିବସ

ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଆଜି ପାଳନ କରାଯାଉଛି । ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ଏବଂ ବୁଦ୍ଧିମତାକୁ ସମ୍ମାନ ପ୍ରଦର୍ଶନ ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ  ଅକ୍ଟୋବର ପହିଲାରେ ସମଗ୍ର ବିଶ୍ୱରେ ଏହି ଦିବସ ପାଳନ କରାଯାଉଛି । ବିଦ୍ୟାଳୟଗୁଡିକରେ ଆଜି ଛାତ୍ରଛାତ୍ରୀଙ୍କର ସମୂହ ଶପଥପାଠ ଉତ୍ସବ ଅନୁଷ୍ଠିତ ହେବ । ପ୍ରାର୍ଥନା ସଭାରେ ଛାତ୍ରଛାତ୍ରୀଙ୍କୁ ଶପଥପାଠ କରାଇବା ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ

ରାଜ୍ୟର ସମସ୍ତ ଜିଲ୍ଲା ଅଧିକାରୀଗଣଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ।

# ପ୍ରେନ୍ୟୁୟର ସ୍ମାର୍ଟ ଓଡିଶା ହାକାଥନ

ଓଡିଆ ପ୍ରେନ୍ୟୁୟର ସ୍ମାର୍ଟ ଓଡିଶା ହାକାଥନ -୨.୦ ରାଜ୍ୟସ୍ତରୀୟ ଦୁଇଦିନିଆ ସମାରୋହ ଗତକାଲି ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଛି । ରାଜ୍ୟ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ, ଓସେପା ଏବଂ ଓ.ୟୁ.ଟି.ଆର.ର ମିଳିତ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ମୋଟ ୧୨୬ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ-ଓ.ୟୁ.ଟି.ଆର.ଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କୁ ସହାୟତା ପ୍ରଦାନ କରିବା ଲାଗି ୫୬ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ ହୋଇଛନ୍ତି ।